# NATIONAL NEWS BULLETIN (ODIA)

## 8 March - 2026

## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଦିଲ୍ଲୀ ମେଟ୍ରୋର ଦୁଇଟି ନୂତନ କରିଡର ସମେତ ୩୩ ହଜାର ୫୦୦ କୋଟି ଟଙ୍କାର ବହୁବିଧ ବିକାଶ ପ୍ରକଳ୍ପର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ
- 'ସବ୍‌କା ସାଥ, ସବ୍‌କା ବିକାଶ' ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବା ସଂକ୍ରାନ୍ତ ବଜେଟ୍ ପରବର୍ତ୍ତୀ ୱେବିନାରକୁ ଆସନ୍ତାକାଲି ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ
- ସଂସଦର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତାକାଲିଠାରୁ ହେବ ଆରମ୍ଭ
- ଦକ୍ଷିଣ ଲେବାନନ୍ ଉପରେ ପୁନର୍ବାର ଆକ୍ରମଣ କଲା ଇସ୍ରାଏଲ

– ପଶ୍ଚିମ ଏସୀୟ ସଂଘର୍ଷରେ ଇରାନ୍‌ରେ ଅତିକମ୍‌ରେ ୧ ହଜାର ୨୩୦ ଜଣଙ୍କ ମୃତ୍ୟୁ ସୂଚନା

ଏବଂ

* ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ ଫାଇନାଲ ମ୍ୟାଚ୍‌ରେ ଭାରତ ବିପକ୍ଷରେ ଟସ୍ ଜିତି ନ୍ୟୁଜିଲାଣ୍ଡର ବୋଲିଂ ନିଷ୍ପତ୍ତି

# ପିଏମ୍–ଦିଲ୍ଲୀ ପ୍ରୋଜେକ୍ଟସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀଠାରେ ପ୍ରାୟ ୩୩ ହଜାର ୫୦୦ କୋଟି ଟଙ୍କାର ଏକାଧିକ ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଶ୍ରୀ ମୋଦୀ କହିଛନ୍ତି, ଜାତୀୟ ରାଜଧାନୀରେ ସୁବିଧା ଏବଂ ଭିତ୍ତିଭୂମିକୁ ନିରନ୍ତର ଭାବେ ସୁଦୃଢ଼ ଏବଂ ସମ୍ପ୍ରସାରିତ କରାଯାଉଛି। ସେ କହିଛନ୍ତି, ଆଜି ଆରମ୍ଭ ହୋଇଥିବା ନୂତନ ମେଟ୍ରୋ ବିଭାଗ ରାଜଧାନୀର ଲକ୍ଷ ଲକ୍ଷ ବାସିନ୍ଦାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଲାଭ ପ୍ରଦାନ କରିବ।

**VO-PM**

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ରଚନା କରୁଛି ଏବଂ ସେମାନେ ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ଭାରତର ମହିଳା ଶକ୍ତି ପ୍ରତ୍ୟେକ କ୍ଷେତ୍ରରେ ନୂତନ ଶକ୍ତି ସହିତ ଆଗକୁ ବଢୁଛି ଏବଂ ରାଷ୍ଟ୍ର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି।

ଶ୍ରୀ ମୋଦୀ କହିଛନ୍ତି, ବର୍ତ୍ତମାନର ବିଜେପି ସରକାର ଦିଲ୍ଲୀ ସହ ଜଡ଼ିତ ବିଭିନ୍ନ ଆହ୍ୱାନର ସମାଧାନ ପାଇଁ ମିଶନ ମୋଡରେ କାର୍ଯ୍ୟ କରୁଛି। ସେ କହିଛନ୍ତି, ସରକାର ଯମୁନାକୁ ସଫା କରିବା ପାଇଁ ମଧ୍ୟ

ବ୍ୟାପକ ସ୍ତରରେ କାର୍ଯ୍ୟ କରୁଛନ୍ତି ଏବଂ ଏଥିପାଇଁ କୋଟି କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ।

ପ୍ରଧାନମନ୍ତ୍ରୀ ପ୍ରାୟ ୧୮ ହଜାର ୩୦୦ କୋଟି ଟଙ୍କା ମୂଲ୍ୟର ଦିଲ୍ଲୀ ମେଟ୍ରୋ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସେ ଦିଲ୍ଲୀ ମେଟ୍ରୋର ଦୁଇଟି ନୂତନ କରିଡରକୁ ମଧ୍ୟ ଉଦଘାଟନ କରିଛନ୍ତି । ଏଗୁଡ଼ିକ ମଧ୍ୟରେ ରହିଛି ପାଖାପାଖି ୧୨.୩ କିଲୋମିଟରର ମଜ୍ଲିସ୍ ପାର୍କ-ମୌଜପୁର ବାବରପୁର (ପିଙ୍କ୍ ଲାଇନ୍) କରିଡର ଏବଂ ପାଖାପାଖି ୧୦ କିଲୋମିଟରର ଦୀପାଲୀ ଚୌକ-ମଜ୍ଲିସ୍ ପାର୍କ (ମାଜେଣ୍ଟା ଲାଇନ୍) କରିଡର ।

ମେଟ୍ରୋ ରେଳ ଦିଲ୍ଲୀର ଜୀବନରେଖା ପାଲଟିଛି ଏବଂ ଯାତ୍ରୀମାନଙ୍କୁ ଯଥେଷ୍ଟ ଯାତ୍ରା ସମୟ ସଞ୍ଚୟ କରିବାରେ ସାହାଯ୍ୟ କରୁଛି ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ କହିଛନ୍ତି ।  ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଗତ ୧୧ ବର୍ଷ ମଧ୍ୟରେ ମେଟ୍ରୋ ରେଳର ସମ୍ପ୍ରସାରଣ ଉଲ୍ଲେଖନୀୟ ଭାବେ ତ୍ୱରାନ୍ୱିତ ହୋଇଛି ଏବଂ ମେଟ୍ରୋ ଲାଇନ ଏବଂ ନମୋ ଭାରତ ଆର.ଟି.ଏସ.ର ନେଟୱାର୍କ ପାଖାପାଖି ଏକ ହଜାର ୧୦୦ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ଏହି ଦ୍ରୁତ ଅଭିବୃଦ୍ଧି ସହିତ ଆମେରିକା

ଏବଂ ଚୀନ୍ ପରେ ଭାରତ ମେଟ୍ରୋ ରେଳ ନେଟୱାର୍କ ଦୃଷ୍ଟିରୁ ବିଶ୍ୱର ତୃତୀୟ ଦେଶ ହୋଇପାରିଛି ।

ଏହି ଅବସରରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ ଆବାସ ଏବଂ ସହରାଞ୍ଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ତୋଖାନ ସାହୁ ମଧ୍ୟ ଉପସ୍ଥିତ ଥିଲେ ।

# ପିଏମ୍– ସବ୍‌କା ସାଥ୍ ୱେବିନାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି 'ସବ୍‌କା ସାଥ୍, ସବ୍‌କା ବିକାଶ– ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବା' ସଂକ୍ରାନ୍ତ ବିଷୟବସ୍ତୁ ଉପରେ ଆୟୋଜିତ ବଜେଟ୍ ପରବର୍ତ୍ତୀ ୱେବିନାରକୁ ଆଭାସୀ ଜରିଆରେ ସମ୍ବୋଧିତ କରିବେ । ଏହି ବିଷୟବସ୍ତୁ ଅଧୀନରେ ଶିକ୍ଷା ଏବଂ ଦକ୍ଷତା, ସ୍ୱାସ୍ଥ୍ୟ ଓ ଆୟୁଷ, ପର୍ଯ୍ୟଟନ ଏବଂ ଆତିଥ୍ୟ ସମେତ ଅନ୍ୟାନ୍ୟ କ୍ଷେତ୍ରରେ ଏକାଧିକ ଅଧିବେଶନ ଆୟୋଜନ କରାଯିବ । ଏହି ଆଲୋଚନାରେ ଶିକ୍ଷାରୁ-ନିଯୁକ୍ତି ମାର୍ଗକୁ ସୁଦୃଢ଼ କରିବା, ଆନିମେସନ୍, ଭିଜୁଆଲ୍ ଇଫେକ୍ଟସ୍, ଗେମିଙ୍ଗ୍ ଏବଂ କମିକ୍ସର ବିକାଶ, ଉତ୍ତର-ପୂର୍ବାଞ୍ଚଳରେ ବୌଦ୍ଧ ସର୍କିଟ୍ ଏବଂ ଐତିହ୍ୟ ପର୍ଯ୍ୟଟନ ପ୍ରୋତ୍ସାହନ ଭଳି ପଦକ୍ଷେପଗୁଡ଼ିକ ଅନ୍ତର୍ଭୁକ୍ତ ହେବ । ବଜେଟ ପରବର୍ତ୍ତୀ ୱେବିନାର ସରକାର, ଶିଳ୍ପ ଏବଂ କ୍ଷେତ୍ର ବିଶେଷଜ୍ଞମାନଙ୍କ ମଧ୍ୟରେ ସହଯୋଗାତ୍ମକ ଯୋଗଦାନ ପାଇଁ ଏକ

ମଞ୍ଚ ପ୍ରଦାନ କରିବ ଯାହା ବଜେଟରେ ଦର୍ଶାଯାଇଥିବା ନୀତିଗତ ଦୃଷ୍ଟିକୋଣକୁ କାର୍ଯ୍ୟକ୍ଷମ ରଣକୌଶଳରେ ପରିଣତ କରିବ।

## ପିଏମ୍– ସବ୍‌କା ସାଥ୍ ଓ୍ୱେବିନାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି 'ସବ୍‌କା ସାଥ୍, ସବ୍‌କା ବିକାଶ– ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବା' ସଂକ୍ରାନ୍ତ ବିଷୟବସ୍ତୁ ଉପରେ ଆୟୋଜିତ ବଜେଟ୍ ପରବର୍ତ୍ତୀ ଓ୍ୱେବିନାରକୁ ଆଭାସୀ ଜରିଆରେ ସମ୍ବୋଧିତ କରିବେ। ଏହି ବିଷୟବସ୍ତୁ ଅଧୀନରେ ଶିକ୍ଷା ଏବଂ ଦକ୍ଷତା, ସ୍ୱାସ୍ଥ୍ୟ ଓ ଆୟୁଷ, ପର୍ଯ୍ୟଟନ ଏବଂ ଆତିଥ୍ୟ ସମେତ ଅନ୍ୟାନ୍ୟ କ୍ଷେତ୍ରରେ ଏକାଧିକ ଅଧିବେଶନ ଆୟୋଜନ କରାଯିବ। ଏହି ଆଲୋଚନାରେ ଶିକ୍ଷାରୁ-ନିଯୁକ୍ତି ମାର୍ଗକୁ ସୁଦୃଢ଼ କରିବା, ଆନିମେସନ୍, ଭିଜୁଆଲ୍ ଇଫେକ୍ଟସ୍, ଗେମିଙ୍ଗ୍ ଏବଂ କମିକ୍ସର ବିକାଶ, ଉତ୍ତର-ପୂର୍ବାଞ୍ଚଳରେ ବୌଦ୍ଧ ସର୍କିଟ୍ ଏବଂ ଐତିହ୍ୟ ପର୍ଯ୍ୟଟନ ପ୍ରୋତ୍ସାହନ ଭଳି ପଦକ୍ଷେପଗୁଡ଼ିକ ଅନ୍ତର୍ଭୁକ୍ତ ହେବ। ବଜେଟ ପରବର୍ତ୍ତୀ ଓ୍ୱେବିନାର ସରକାର, ଶିଳ୍ପ ଏବଂ କ୍ଷେତ୍ର ବିଶେଷଜ୍ଞମାନଙ୍କ ମଧ୍ୟରେ ସହଯୋଗାତ୍ମକ ଯୋଗଦାନ ପାଇଁ ଏକ ମଞ୍ଚ ପ୍ରଦାନ କରିବ ଯାହା ବଜେଟରେ ଦର୍ଶାଯାଇଥିବା ନୀତିଗତ ଦୃଷ୍ଟିକୋଣକୁ କାର୍ଯ୍ୟକ୍ଷମ ରଣକୌଶଳରେ ପରିଣତ କରିବ।

## ଭିପି-ଭିଜିଟ୍

ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ ଆଜି ଅପରାହ୍ନରେ ଅଗରତାଲାର ଆଲବର୍ଟ ଏକ୍କା ଯୁଦ୍ଧ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରି ସାହସୀ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ତ୍ରିପୁରାର ରାଜ୍ୟପାଳ ଶ୍ରୀ ଇନ୍ଦ୍ରସେନା ରେଡ୍ଡୀ ନଲ୍ଲୁ, ମନ୍ତ୍ରୀ ରତନ ଲାଲ ନାଥ ଏବଂ ଶାନ୍ତନା ଚକ୍‌ମା ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରେ ଉପରାଷ୍ଟ୍ରପତି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଥିଲେ।

# ଏଲ୍‌ଏସ୍– ସ୍ପିକର ଡିସକସନ୍

ସଂସଦର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତାକାଲିଠାରୁ ଆରମ୍ଭ ହୋଇ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଆସନ୍ତାକାଲି ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ପଦରୁ ଅନ୍ତର କରିବା ନେଇ ଗୃହରେ ତିନି ଜଣ କଂଗ୍ରେସ ସଦସ୍ୟଙ୍କ ପକ୍ଷରୁ  ଏକ ପ୍ରସ୍ତାବ ଆଗତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରସ୍ତାବ ଲୋକସଭାରେ ଆଲୋଚନା ପାଇଁ ଗୃହୀତ ହେଲେ ଶ୍ରୀ ବିର୍ଲା ଆସନ୍ତାକାଲିର ଗୃହ କାର୍ଯ୍ୟରେ ଅଧକ୍ଷତା କରିବେ ନାହିଁ।

ଗତ ମାସରେ ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ, ବାଚସ୍ପତିଙ୍କୁ ହଟାଇବାକୁ ଦାବି କରି ବିରୋଧୀ ଦଳ ପକ୍ଷରୁ ଲୋକସଭାର ମହାସଚିବଙ୍କୁ ଏକ ଅନାସ୍ଥା ନୋଟିସ୍ ଦିଆଯାଇଥିଲା। ନୋଟିସରେ ସେମାନେ ଶ୍ରୀ ବିର୍ଲାଙ୍କୁ ପକ୍ଷପାତପୂର୍ଣ୍ଣ ଭାବରେ କାର୍ଯ୍ୟ କରୁଥିବାର ଅଭିଯୋଗ କରିଥିଲେ। ଏଥିରେ କଂଗ୍ରେସ, ସମାଜବାଦୀ ପାର୍ଟି, ଡିଏମକେ, ବାମପନ୍ଥୀ ଏବଂ

ତୃଣମୂଳ କଂଗ୍ରେସ ବ୍ୟତୀତ ଅନ୍ୟ ୧୧୮ ଜଣ ସାଂସଦ ସ୍ୱାକ୍ଷର କରିଥିଲେ। ବଜେଟ୍ ଅଧିବେଶନର ପ୍ରଥମ ଭାଗ ଜାନୁଆରୀ ୨୮ ତାରିଖରେ ଆରମ୍ଭ ହୋଇଥିଲା ଏବଂ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ପ୍ରଥମ ପର୍ଯ୍ୟାୟରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଏବଂ ୨୦୨୬-୨୭ ପାଇଁ କେନ୍ଦ୍ର ବଜେଟ୍ ଉପରେ ଆଲୋଚନା ହୋଇଥିଲା।

## ୱେଷ୍ଟ ଏସିଆ– କନଫ୍ଲିଟ୍

ଇରାନର ରିଭୋଲ୍ୟୁସନାରୀ ଗାର୍ଡସ୍ କୁର୍ଦ୍ଦ ଫୋର୍ସର ଲେବାନନ୍ ଶାଖାର କମାଣ୍ଡରମାନଙ୍କୁ ଟାର୍ଗେଟ କରି ଇସ୍ରାଏଲ ଆଜି ସକାଳେ ଦକ୍ଷିଣ ଲେବାନନ୍ ଉପରେ ଏହାର ଆକ୍ରମଣକୁ ପୁନର୍ବାର ଆରମ୍ଭ କରିଛି। ତେହେରାନର ଏକ ତୈଳ ଭଣ୍ଡାର ଉପରେ ଇସ୍ରାଏଲର ଆକ୍ରମଣର ଗୋଟିଏ ଦିନ ପରେ ଏହି ଆକ୍ରମଣ ହୋଇଛି। ଲେବାନନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଦକ୍ଷିଣ ଲେବାନନରେ ଇସ୍ରାଏଲର ବିମାନ ଆକ୍ରମଣରେ ୧୨ ଜଣ ଲୋକ ପ୍ରାଣ ହରାଇଥିଲେ। ସ୍ଥାନୀୟ ଗଣମାଧ୍ୟମ ସୂଚନା ଅନୁସାରେ, ଏକ ଇସ୍ରାଏଲ୍ ଡ୍ରୋନ୍ ବୈରୁଟର ଏକ ହୋଟେଲ୍ ଉପରେ ଆକ୍ରମଣ କରିଥିଲା, ଯେଉଁଥିରେ ଚାରି ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଅନ୍ୟ ୧୦ ଜଣ ଆହତ ହୋଇଥିଲେ। ଗତକାଲି ମୃତ୍ୟୁ ସଂଖ୍ୟା ଅତିକମ୍‌ରେ ୪୭ ଉପରେ ରହିଥିଲା। ଇତି ମଧ୍ୟରେ ବାହାରିନରେ,

ଏକ ଇରାନୀୟ ଡ୍ରୋନ୍ ଆକ୍ରମଣ ଆଜି ଏକ ଡି-ସାଲିନେସନ ପ୍ଲାଣ୍ଟକୁ କ୍ଷତି ପହଞ୍ଚାଇଛି।

ଇରାନର ରାଷ୍ଟ୍ରପତି ମାସୌଦ୍ ପେଜେସ୍କିଆନ୍ ଗତକାଲି ପଡ଼ୋଶୀ ଦେଶ ଉପରେ ଆକ୍ରମଣ ପାଇଁ କ୍ଷମା ମାଗିଥିଲେ। ଅନ୍ୟପକ୍ଷରେ, ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏହି ପର୍ଯ୍ୟାୟରେ ଇରାନ ସହିତ ସମାଧାନର କୌଣସି ସମ୍ଭାବନାକୁ ଦୃଢ଼ତାର ଅସ୍ୱୀକାର କରିଛନ୍ତି ଏବଂ ଆଗକୁ ଇରାନ ଉପରେ ପ୍ରବଳ ଆକ୍ରମଣ ହେବ ବୋଲି କହିଛନ୍ତି। ସୂଚନା ଅନୁସାରେ, ଏହି ଲଢ଼େଇରେ ଇରାନରେ ଅତି କମରେ ୧ ହଜାର ୨୩୦ ଜଣ, ଲେବାନନରେ ୨୯୦ରୁ ଅଧିକ ଏବଂ ଇସ୍ରାଏଲରେ ୧୧ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୬ ଜଣ ଆମେରିକୀୟ ସୈନିକ ମଧ୍ୟ ନିହତ ହୋଇଥିବା ସୂଚନା ମିଳିଛି।

ଇତିମଧ୍ୟରେ ବାଗଦାଦରେ ଥିବା ଆମେରିକୀୟ ଦୂତାବାସ ପରିସରରେ ଥିବା ହେଲିପ୍ୟାଡ୍ ଉପରେ ଏକ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା। ତେବେ ଏଥିରେ କେହି ମୃତାହତ ହୋଇନଥିବା ସୂଚନା ମିଳିଛି। ସଂଘର୍ଷ ଆରମ୍ଭ ହେବା ପରଠାରୁ ବାଗଦାଦର ଅତି ସୁରକ୍ଷିତ ଗ୍ରୀନ୍ ଜୋନ୍‌ରେ ଏହା ପ୍ରଥମ ଆକ୍ରମଣ ବୋଲି ସୂଚନା ମିଳିଛି। ଇରାନ ଏବଂ ସହଯୋଗୀ ଇରାକୀ ମିଲିସିଆ' ଆମେରିକାର ସାମରିକ ଘାଟି ଏବଂ ଅନ୍ୟାନ୍ୟ ସୁବିଧା ଉପରେ ଅନେକ ଆକ୍ରମଣ କରିଛନ୍ତି। ଇରାକର

କାର୍ଯ୍ୟନିର୍ବାହୀ ପ୍ରଧାନମନ୍ତ୍ରୀ ମହମ୍ମଦ ଶିଆ ଅଲ୍-ସୁଦାନି ଦୂତାବାସ ଆକ୍ରମଣକୁ ଏକ ଆତଙ୍କବାଦୀ କାର୍ଯ୍ୟ ବୋଲି କହିଛନ୍ତି।

## କୋଲକାତା- ମାଣ୍ଡବୀୟ

ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବୀୟ ଦେଶର ଯୁବପିଢ଼ିଙ୍କୁ ବିକଶିତ ଭାରତ ଗଠନ ଅଭିଯାନରେ  ନିର୍ଣ୍ଣାୟକ ନେତୃତ୍ୱ ଗ୍ରହଣ କରିବାକୁ ଆହ୍ୱାନ କରିଛନ୍ତି। ଆଜି କୋଲକାତାରେ ରାଜ୍ୟସ୍ତରୀୟ 'ମାଇ ଭାରତ' ଯୁବ ସ୍ୱେଚ୍ଛାସେବକ ସମ୍ମିଳନୀ ଯୋଗଦେଇ ମନ୍ତ୍ରୀ ଶ୍ରୀ ମାଣ୍ଡବୀୟ କହିଛନ୍ତି, ଦେଶର ୧୪୦ କୋଟି ନାଗରିକ ମିଳିତ ଭାବେ ଏହି ପ୍ରଗତିକୁ ଆଗେଇ ନେବେ। ଆଜିର ଯୁବପିଢ଼ି ଏକ ବିକଶିତ ଭାରତର ପ୍ରାଥମିକ ବାସିନ୍ଦା ହେବେ। ସେମାନଙ୍କୁ ସେହି ଭବିଷ୍ୟତ ନିର୍ମାଣର ନେତୃତ୍ୱ ନେବାକୁ ପଡ଼ିବ ବୋଲି  ଶ୍ରୀ ମାଣ୍ଡବୀୟ କହିଛନ୍ତି। ଏହି ଅବସରରେ ସେ ଦେଶବ୍ୟାପୀ ୧ ଲକ୍ଷ ଯୁବ ନେତାଙ୍କୁ ଚିହ୍ନଟ ପାଇଁ ପଦକ୍ଷେପର ଘୋଷଣା କରିଥିଲେ।

## କ୍ରିକେଟ୍ ୱାର୍ଲ୍ଡକପ୍

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ର ଫାଇନାଲରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ଜାରି ରହିଛି। ଅହମ୍ମଦାବାଦ ସ୍ଥିତ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ

ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି। ସମ୍ବାଦ ପ୍ରସ୍ତୁତ ହେଲା ବେଳକୁ ଭାରତ ପ୍ରଥମେ ବ୍ୟାଟିଂ କରି ୩ ଓଭରରେ କୌଣସି ଓ୍ୱିକେଟ୍ ନ ହରାଇ ୨୭ ରନ୍ ସଂଗ୍ରହ କରିଛି।

ଭାରତୀୟ ଦଳ ଚତୁର୍ଥଥର ପାଇଁ ଫାଇନାଲ ଖେଳୁଥିବା ବେଳେ ତୃତୀୟଥର ପାଇଁ ଟ୍ରଫି ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଦଳ ତୃତୀୟ ଥର ପାଇଁ ଫାଇନାଲ ଖେଳୁଥିବା ବେଳେ ପ୍ରଥମ ଥର ପାଇଁ ଟ୍ରଫି ହାତେଇବାକୁ ଲକ୍ଷ୍ୟ ରଖିଛି।